## ଉତ୍କଳ କରାଟେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗିନ ବେଲ୍ଟ ପରୀକ୍ଷା

ସେମିଳିଗୁଡ଼ା,(ସ୍ୱ.ପ୍ର.)-ଉତ୍କଳ କରାଟେ ସ୍କୁଲ ସେମିଳିଗୁଡ଼ା ଶାଖା ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗିନ ବେଲ୍ଟ ପରୀକ୍ଷା ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସିହାନ ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପରୀକ୍ଷାକୁ କୋରାପୁଟ ଶାଖା ମୁଖ୍ୟ ସେନସେଇ ଦୁର୍ଗାପ୍ରସାଦ ଦାସ ରଥ ଓ ଜୟପୁର ଶାଖା ମୁଖ୍ୟ ପ୍ରଶିକ୍ଷକ ସେନସେଇ ତ୍ରିନାଥ ସିଂଲାଲ ପରିଚାଳନା କରିଥିଲେ। ପରୀକ୍ଷାରେ ବିଭିନ୍ନ ବର୍ଗରୁ ୩୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର ଉନ୍ନୀତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ବର୍ଗରେ ବ୍ରାଉନ, ବ୍ଲୁ, ଗ୍ରୀନ୍, ଅରେଞ୍ଜ ଓ ୟେଲୋ ବେଲ୍ଟ ପ୍ରଦାନ କରାଯାଇଛି। କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ରାଜେନ୍ଦ୍ର କେଶରୀ ସାମଲ ପରିଚାଳନା କରିଥିଲେ। ହିମାଂଶୁ ଶେଖର ପଣ୍ଡା ଓ ଆୟୁଷ ପ୍ରସାଦ ରଥ ସହଯୋଗ କରିଥିଲେ।

# ରକ୍ଷଣଶୀଳ ମନୋଭାବ ଝିଅଙ୍କୁ ପଛରେ ପକାଉଛି

**ଅନ୍ତଃରାଷ୍ଟ୍ରୀୟ ଶିଶୁକନ୍ୟା ଦିବସ ପାଳିତ**

ନବରଙ୍ଗପୁର, ୧୧।୧୦(ବି.ପ୍ର.)

ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ଅନ୍ତଃରାଷ୍ଟ୍ରୀୟ ଶିଶୁକନ୍ୟା ଦିବସ ପାଳନ କରାଯାଇଛି। ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ଏହି ଦିବସ ପାଳନ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଝିଅମାନଙ୍କର ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ହିଁ ସରକାରଙ୍କ ଲକ୍ଷ୍ୟ। କରୋନା ସମୟରେ ଡିଜିଟାଲ ବ୍ୟବସ୍ଥାର ଗୁରୁତ୍ୱ ଆମେ ସମସ୍ତେ ଉପଲବ୍ଧି କରିଛେ। ଚଳିତ ବର୍ଷ ଶିଶୁକନ୍ୟା ଦିବସର ବାର୍ତ୍ତା 'ଡିଜିଟାଲ ଜେନେରେଶନ, ଆୱାର ଜେନେରେଶନ' ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ପୁଅଙ୍କଠାରୁ ଝିଅମାନେ କୌଣସି ଗୁଣରେ କମ୍ ନୁହନ୍ତି। ଆମ ଜିଲାରେ ପୁରୁଷଙ୍କ ଅନୁପାତରେରେ ମହିଳାଙ୍କ ସଂଖ୍ୟା ଅଧିକ। ସମାଜର ରକ୍ଷଣଶୀଳ ମନୋଭାବ ଓ ଝିଅମାନଙ୍କ ପ୍ରତି ଆମର ଦୃଷ୍ଟିକୋଣ ସେମାନଙ୍କୁ ପଛରେ ପକାଉଛି। ଏବେ ପରିବର୍ତ୍ତନ ସମୟ। ମିଳିମିଶି ବାଳିକାଙ୍କ ଶିକ୍ଷାକୁ ସୁନିଶ୍ଚିତ କରିବାକୁ ପଡିବ ବୋଲି ଡିଆର୍‌ଡିଏ ପିଡି କହିଛନ୍ତି। ଶିଶୁ ସୁରକ୍ଷା ୟୁନିଟ୍, ସମାଜ କଲ୍ୟାଣ ବିଭାଗ, ୟୁନିସେଫ୍ ଓ ଆକ୍ସନଏଡ୍‌ର ମିଳିତ ପ୍ରୟାସରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଗ୍ରାମଗୁଡିକରେ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ନିର୍ଯାତନା, ଲିଙ୍ଗଗତ ହିଂସା ଉପରେ ସଚେତନତା କାର୍ଯ୍ୟକ୍ରମ ଚାଲୁଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି। ସମାଜରେ ମହିଳାମାନଙ୍କର ସମସ୍ୟା, କିଶୋରୀମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା।



କାର୍ଯ୍ୟକ୍ରମରେ ପିଲାମାନେ ନାଟକ ପରିବେଷଣ କରୁଛନ୍ତି।

ଜିଲାରେ ବାଲ୍ୟବିବାହ ରୋକିବା ଓ ଶିଶୁ ସୁରକ୍ଷା ଦିଗରେ କାମ କରିଥିବା ଅଙ୍ଗନୱାଡି କର୍ମୀ ଓ ସଖୀ ସହେଲୀମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ନନ୍ଦାହାଣ୍ଡି ବ୍ଲକ ଦଳେଇଗୁଡ଼ା ଗ୍ରାମର କିଶୋରୀ କିଶୋରମାନେ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସୁକାନ୍ତ ପଟ୍ଟନାୟକ, ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଦିବାକର ବାହୁକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ରଥ, ଏସ୍. ଗୀତା, ବିନୋଦିନୀ ପଟ୍ଟନାୟକ, ସୁପରଭାଇଜର ସସ୍ମିତା ମହାନ୍ତି, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ ଉପସ୍ଥିତ ଥିଲେ। ଜିଲା ସମାଜ କଲ୍ୟାଣ ସହକାରୀ ଅଧିକାରୀ ନରହରି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ସ୍କୁଲ ଯିବା ବାଟରେ ଗାତ, ମରାମତି ଦାବି



ରାଇଘର, ୧୧।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ ପାରୁଆ ପଞ୍ଚାୟତ ଛତାବେଡ଼ା ଡିଏନ୍‌କେ ଗ୍ରାମର ମଧ ସ୍ଥଳରେ ଥିବା ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଉକ୍ତ ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷ ଧରି ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରୁଥିଲେ ମଧ ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ ଏ ଦିଗରେ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ମଧ ସ୍ଥଳରେ ଥିବା ଏହି ଗର୍ତ୍ତ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି। ଉକ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଶଂସା ସାଉଣ୍ଟୁଛି 'କରୋନା ସାଜିଛି କାଳ'




ଗୁଣପୁର,୧୧।୧୦,(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁରର କଳାକାରଙ୍କୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'କରୋନା ସାଜିଛି କାଳ' ୟୁଟ୍ୟୁବ୍‌ରେ ମୁକ୍ତିଲାଭ କରିଛି। କରୋନା କିପରି ନିଜ କାୟା ବିସ୍ତାର କରି ବିଶ୍ୱକୁ ଦୋହଲାଇ ଦେଉଛି ତାହା ଖୁବ୍ ସୁନ୍ଦରଭାବେ ଏଥିରେ ଚିତ୍ରିତ ହୋଇଛି। ଏହି ମହାମାରୀ କାଉଁଠି ମା' ବାପାଙ୍କ ଆଗରେ ପୁଅକୁ ମାରି ଦେଉଛି ତ କେଉଁଠି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ। କରୋନା ମହାମାରୀ ଯୋଗୁ ଅନେକ ପିଲା ଅନେକ ପିଲା ମା' ବାପା ଛେଉଣ୍ଡ ହୋଇଥିବା ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରର କାହାଣୀ ରହିଛି। ଏମ୍‌ବିଏସ୍ ପ୍ରଡକ୍ସନରେ ମୁକ୍ତିଲାଭ କରିଥିବା ଏହି କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଗୁଣୁପୁର ଅଞ୍ଚଳର ସିଏଚ୍. ଗଣେଶ। ଏଥିରେ କୃଷ୍ଣଚନ୍ଦ୍ର ସାହୁ, କୈଳାସ ବଡ ପନ୍ଦରା, ରମେଶ ଚନ୍ଦ୍ର ଲିମା, ସୁନିତା ପଣ୍ଡା , କୁନା, ବବଲୁ, ମିକି ଅଭିନୟ କରିଛନ୍ତି। ଶ୍ରୀକର ପାଢ଼ୀ କଣ୍ଠଦାନ କରିଥିବାବେଳେ ଗଙ୍ଗାଧର ଦଳାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶିବରାମ ମହାରଣା ଗୀତ ରଚନା କରିଥିବାବେଳେ ତ୍ରିମୂର୍ତ୍ତି ବିଡିକା ସମ୍ପାଦନା କାର୍ଯ୍ୟ ତୁଲାଇଛନ୍ତି।

## ସ୍ଥାୟୀ ନିଯୁକ୍ତି, ଦରମା ପ୍ରଦାନ ଦାବି

କୋରାପୁଟ, ୧୧।୧୦(ସ୍ୱ.ପ୍ର.)- ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର କୋରାପୁଟ ଜିଲା କାର୍ଯ୍ୟକାରୀଣୀ ବୈଠକ ବସ୍‌ଷ୍ଟାଣ୍ଡ ନିକଟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସମ୍ପାଦକ ଭବାନୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ବ୍ଲକର କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ମଜଦୁର ସଂଘ ଜିଲା ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ରାଜ୍ୟ ସଭାନେତ୍ରୀ କମଳା ବେହେରା, ପ୍ରତିମା ବେହେରା, କବିତା ମୁକ୍ତା ବିଶୋୟୀ ଉପସ୍ଥିତ ଥିଲେ। ବୈଠକରେ ଜିଲା ଆଶାକର୍ମୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ଆଶାକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି, ଦରମା ପ୍ରଦାନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାକୁ ବୈଠକରେ ସ୍ଥିର କରାଯାଇଛି ।

## ୧୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ଜୟପୁର,୧୧।୧୦(ନି.ପ୍ର.)-ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢ଼ାଉକରି ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ମଧ ପ୍ରଦେଶର ରାଜୀବ କୁସବାହା (୨୧), ମହମ୍ମଦ ଅନିଶ (୨୪) ଓ କୋରାପୁଟ ଜିଲା ମାଛକୁଣ୍ଡର ସୁଶାନ୍ତ ମାତମ (୨୭) । ଲମତାପୁଟର ଉପାନ୍ତ ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରାଚାଲଣ ସମ୍ପର୍କରେ ସୂଚନା ପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଏକ ଟିମ୍ ସହ ପାତ୍ରପୁଟ ବ୍ରିଜ୍ ନିକଟରେ ଅପେକ୍ଷା କରିଥିଲେ। ଉକ୍ତ କାର୍ (ଏମ୍‌ପି-୬୬ସି-୩୯୯୭ ) ପହଞ୍ଚିବା ପରେ ଏହାକୁ ପୋଲିସ ପିଛାକରି ବାମୁଣି ଗାଁ ନିକଟରେ ଧରି କାର ଯାଞ୍ଚ କରି କାର୍‌ରୁ ୧୦୨ କେଜି ଗଞ୍ଜେଇ ଜବତ କରିଥିଲା । ଏହାର ମୂଲ୍ୟ ୧୦ ଲକ୍ଷ ୨୦ ହଜାର ଟଙ୍କା ହେବ । ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ମହାକୁଡ ପ୍ରକାଶ କରିଛନ୍ତି ।

# ସୁଗନ୍ଧି ଫସଲ କରି ଉଦ୍ୟୋଗୀ ହେବାକୁ ପରାମର୍ଶ

ନବରଙ୍ଗପୁର,୧୧।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୁଗନ୍ଧି ଫସଲର ମୂଲ୍ୟଯୁକ୍ତ ସାମଗ୍ରୀ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ ଯୋଗଦେଇଥିଲେ। ସୁଗନ୍ଧି ଫସଲ ଚାଷ ଦ୍ୱାରା ଚାଷୀମାନେ ଅଧିକ ଲାଭବାନ ଏବଂ ଉଦ୍ୟୋଗୀ ହୋଇପାରିବେ ବୋଲି ସେ କହିଥିଲେ। ଲେମ୍ବୁଘାସ, ଜାପାନୀ ପୋଦିନା ପତ୍ରରୁ ପ୍ରସ୍ତୁତ ତେଲରେ ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଏଥିରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତକରି ଅନେକେ ଉଦ୍ୟୋଗୀ ହୋଇପାରିବେ ବୋଲି ଜାତୀୟ ଗୁଚ୍ଛ ଜୈବ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ଦିଲ୍ଲୀ ନିର୍ଦ୍ଦେଶକ ଡ. ଅଜିତ୍ କୁମାର ଶାସନୀ କହିଛନ୍ତି। ଲେମ୍ବୁଘାସ, ତୁଳସୀ, ବେଣାଚେର, ଜାପାନୀ ପୋଦିନା ଚାଷକରି ନବରଙ୍ଗପୁର ଚାଷୀ ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ବୋଲି ଆତ୍ମାର ଉପନିର୍ଦ୍ଦେଶକ କମଳଲୋଚନ ନାୟକ କହିଛନ୍ତି। ଉଦ୍ୟାନ କୃଷି ଯୋଜନାରେ ଅନେକ ରିହାତି ରହିଛି ଏବଂ ଏହାର ସୁବିନିଯୋଗ କରିବା ପାଇଁ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା ପରାମର୍ଶ ଦେଇଥିଲେ। ଏଠାରେ ସୁଗନ୍ଧି ଫସଲ ଚାଷ ପାଇଁ ଉପଯୁକ୍ତ ଜଳବାୟୁ ରହିଛି। ଚାଷୀ ଏହାର ପତ୍ରରୁ ବାହାରୁଥିବା ତେଲରୁ ଅନେକ ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ ବୋଲି କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧି ଫସଲ ସଂସ୍ଥାନ ଲକ୍ଷ୍ନୌର ପ୍ରଧାନ ବୈଜ୍ଞାନିକ ଡ. ପ୍ରଶାନ୍ତ କୁମାର ରାଉତ କହିଛନ୍ତି। ସୁଗନ୍ଧି ପତ୍ରର ପ୍ରକ୍ରିୟାକରଣ ଦିଗରେ ଉପୁଜିଥିବା ସମସ୍ୟାର ସମାଧାନ ସମ୍ପର୍କରେ କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧି ଫସଲ ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଇ. ଅଶ୍ୱିନୀ ଦୀପକ ନାନୱରେ କହିଥିଲେ । ସୁଗନ୍ଧି ଫସଲ ସାମଗ୍ରୀର ବଜାର ବ୍ୟବସ୍ଥା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଓର୍‌ମାସ୍ ଉପ କାର୍ଯ୍ୟନିର୍ବାହୀ ଏ. ଉମା ମହେଶ କହିଥିଲେ। ଅନୁଗୋଳର ଉଦ୍ୟୋଗୀ ଅଶୋକ ଶତପଥୀ, ଢେଙ୍କାନାଳର ଉଦ୍ୟୋଗୀ ଗୌତମ ମହାନ୍ତି ତାଙ୍କର ସଫଳତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଆରୋମା ଡିଫ୍ୟୁଜର, କାର୍ ଡିଫ୍ୟୁଜର, ଜାପାନୀ ପୋଦିନା ତେଲ ଓ ଲେମ୍ବୁଘାସ ତେଲର ମୂଲ୍ୟଯୁକ୍ତ ସାମଗ୍ରୀ ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମକୁ ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟିର ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି ପରିଚାଳନା କରିଥିଲେ । ବିଭିନ୍ନ ଜିଲାର ୫୦ ଜଣ ଚାଷୀ ଉଦ୍ୟୋଗୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବନ୍ଧକ ଥିବା ନାବାଳକଙ୍କୁ ମୁକ୍ତକଲେ ଇଟାଭାଟି ମାଲିକ

ଉମରକୋଟ, ୧୧।୧୦(ସ୍ୱ.ପ୍ର.)

ତେଲଙ୍ଗାନାର ଏକ ଇଟାଭାଟିରେ ବନ୍ଧକ ଥିବା ନାବାଳକଙ୍କୁ ଉକ୍ତ ଇଟାଭାଟିର ମାଲିକ ଘରକୁ ପଠାଇଛନ୍ତି। ଏ ନେଇ ନାବାଳକଙ୍କ ପରିବାର ଲୋକେ ଉମରକୋଟ ପୋଲିସକୁ ଜଣାଇଛନ୍ତି।

ଉମରକୋଟ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଡାବୁଗାଁ ଥାନା ଅଧୀନ ଚିକିଲି ଗାଁର ରାଜମୋହନ ହରିଜନ ଓ ଝାଲିଆଗୁଡ଼ା ଗ୍ରାମର ବିଷ୍ଣୁ ଭାଟ ବୁଲାଇନେବାକୁ କହି ଜଗଦଲପୁର ନେଇଯାଇଥିଲେ। ସେଠାରୁ ନାବାଳକଙ୍କୁ ନେଇ ତେଲଙ୍ଗାନାର ଫାଇଦାପାଲି ଗ୍ରାମର ଏକ ଇଟାଭାଟିରେ ୩ଲକ୍ଷ ଟଙ୍କାରେ ବିକ୍ରିକରି ଦେଇଥିଲେ। ନାବାଳକ ଜଣକ ସେଠାରୁ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ଗତ ୭ତାରିଖରେ ନାବାଳକଙ୍କ ବଡ଼ଭାଇ କୁମର ମାଳି ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୧୫/୨୧ରେ ମାମଲା ରୁଜୁକରି ତଦନ୍ତ କରୁଛି। ଉମରକୋଟ ପୋଲିସ ପ୍ରଚେଷ୍ଟାରେ ଇଟାଭାଟି ମାଲିକ ନିଜ ଖର୍ଚ୍ଚରେ ନାବାଳକଙ୍କୁ ନିଜ ଗାଁରେ ଆଣି ଛାଡ଼ିଥିଲେ। ଦଲାଲ ଦୁଇଜଣ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଖୋଜାଖୋଜି କରୁଛି ବୋଲି ଉମରକୋଟ ଥାନାଧିକାରୀ ନରେଶ ପ୍ରଧାନ କହିଛନ୍ତି।

# ରାୟଗଡ଼ା, କାଶୀପୁରର ୨ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ

ରାୟଗଡ଼ା ଅଫିସ,୧୧।୧୦

ରାୟଗଡ଼ା ଜିଲାର ଗ୍ରାମାଞ୍ଚଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୨ ବୃହତ୍ତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ କ୍ୟାବିନେଟରେ ୩୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଜିଲାର ୨ ବ୍ଲକର ୨୮ ପଞ୍ଚାୟତ ଓ ୪୭୪ ଗ୍ରାମର ପ୍ରାୟ ୨ ଲକ୍ଷ ଜନସାଧାରଣଙ୍କୁ ଜଳ ଯୋଗାଣର ଯୋଜନା ରହିଛି। ଏହାଦ୍ୱାରା କାଶୀପୁର ବ୍ଲକର ୨୪ ପଞ୍ଚାୟତ ଅଧୀନ ୪୨୫ ଗ୍ରାମ ଏବଂ ରାୟଗଡ଼ା ବ୍ଲକର ୪ ପଞ୍ଚାୟତ ଅଧୀନ ୪୯ ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। ପ୍ରକଳ୍ପ କାମ ୨୪ ମାସ ମଧ୍ୟରେ ସାରି ଜଳ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ରାୟଗଡ଼ା ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ହୋଟେଲ କୈଳାସଠାରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଯାଇଛି। ଏଥିରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ପରିଷଦ ସଭ୍ୟ ପି. ଗୌରୀଶଙ୍କର ଏବଂ ଜିଲାସ୍ତରୀୟ ଦଳୀୟ ନେତାମାନେ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ଓ ଦଳୀୟ ନେତାମାନେ।

## ଚିଠା ସଂରକ୍ଷଣ ତାଲିକାକୁ ବିରୋଧ

ନବରଙ୍ଗପୁର, ୧୧।୧୦(ବି.ପ୍ର.)

ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆସନ୍ତା ପଞ୍ଚାୟତ ନିର୍ବାଚନ ଉପଲକ୍ଷେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାର ୧୦ ବ୍ଲକରୁ କଂଗ୍ରେସ ସଭାପତିମାନେ ଯୋଗଦେଇଥିଲେ। ପାରିତ ହୋଇଥିବା ସଂରକ୍ଷଣ ଚିଠା ତାଲିକାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଉକ୍ତ ପାରିତ ସଂରକ୍ଷଣ ସରକାରଙ୍କୁ ସୁହାଇଲା ଭଳି ହୋଇଛି ବୋଲି ଦଳ ଅଭିଯୋଗ କରିଛି। ଅନେକ ପଞ୍ଚାୟତରେ ପୂର୍ବ ଭଳି ସଂରକ୍ଷଣ ରହିଥିବା ଆଲୋଚନା ହୋଇଛି। ସଂରକ୍ଷଣ ପ୍ରକ୍ରିୟାକୁ ଦ୍ୱନ୍ଦ୍ୱରେ ପକାଇ ଠିକ୍ ସମୟରେ ନିର୍ବାଚନ ନ କରିବାକୁ ଏହି ପ୍ରକାର ତାଲିକା ହୋଇଥିବା ଉପସ୍ଥିତ ନେତାମାନେ କହିଛନ୍ତି। ବୈଠକରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସଦନ ନାୟକ, ଏଆଇସିସି ସଦସ୍ୟା ମନୀଷା ତ୍ରିପାଠୀ, ପୂର୍ବତନ ପିସିସି ସଭ୍ୟ ସରୋଜ ପାତ୍ର, ମହିଳା କଂଗ୍ରେସ ଜିଲା ସଭାପତି ପି. ନାଗରତ୍ନାମା, ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ବ୍ଲକ କଂଗ୍ରେସ ସଭାପତିମାନେ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ନୂତନ ଅତିରିକ୍ତ ଜିଲାପାଳ

କୋରାପୁଟ, ୧୧।୧୦ (ସ୍ୱ.ପ୍ର.)



କୋରାପୁଟ ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବେ ସୋମବାର ରାମେଶ୍ୱର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି। ସେ ପୂର୍ବରୁ ମାଲକାନଗିରି ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ନେବା ପରେ ଜିଲାର ସମସ୍ତ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ସମସ୍ୟା ସମାଧାନ ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ପ୍ରକାଶ କରିଛନ୍ତି।

## କୋଭିଡ ମୃତ୍ୟୁ ପ୍ରମାଣପତ୍ର କମିଟି ଗଠିତ

କୋରାପୁଟ, ୧୧।୧୦(ସ୍ୱ.ପ୍ର.)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ କୋଭିଡ ମୃତ୍ୟୁ ପ୍ରମାଣପତ୍ର କମିଟି ଗଠିତ ହୋଇଛି। ଜିଲାପାଳ ଅବଦାଲ ଏମ. ଅଖତାର ଏହି କମିଟି ଅଧ୍ୟକ୍ଷ ଥିବାବେଳେ ଅତିରିକ୍ତ ଜିଲାପାଳ, ସିଡିଏମଓ, ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ, କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁନିଲ କୁମାର ଭଦ୍ରା ସଦସ୍ୟ ଅଛନ୍ତି। ଏହି କମିଟି କୋଭିଡ ମୃତ୍ୟୁ ସମ୍ପର୍କିତ ସମସ୍ତ କାଗଜପତ୍ର ଯାଞ୍ଚ କରି ସରକାରଙ୍କୁ ସୁପାରିଶ କରିବ । ଏହି ସମ୍ପର୍କିତ ଆପତି ଅଭିଯୋଗ ଥିଲେ ଫୋନ ନଂ. ୦୬୮୫୨-୨୫୦୪୭୭/୨୫୦୭୦୦ ଯୋଗେ ଯୋଗାଯୋଗ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ନେହେରୁ ଯୁବକେନ୍ଦ୍ରର କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ

ମାଲକାନଗିରି,୧୧।୧୦ (ଡି.ଏନ୍.ଏ.)

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟଠାରେ ସୋମବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ସଂଗ୍ରହ ସହ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡା. ଶିବପ୍ରସାଦ ମହାରଣା ଉଦ୍‌ଘାଟନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଶ ରୂପାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଙ୍କିତ ଜୈନ, ଏନ୍‌ଏସ୍‌ଏସ୍ ଜିଲା ପ୍ରକଳ୍ପ ଅଧିକାରୀ ନମିତା ଦଣ୍ଡସେନା, ଚିକିତ୍ସାଳୟ ପରିଚାଳକ ଶଶାଙ୍କ ଶେଖର ପଣ୍ଡିତ ଯୋଗଦେଇ କ୍ଲିନ୍ ଇଣ୍ଡିଆର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରକୁ ସଫେଇ କରାଯାଇ ପ୍ଲାଷ୍ଟିକ ସଂଗ୍ରହ କରାଯାଇଥିଲା କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଯାୟୀ ଜିଲାର ପ୍ରତ୍ୟେକ ଗ୍ରାମରୁ ୩୦ କିଲୋଗ୍ରାମ ପର୍ଯ୍ୟନ୍ତ ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦୁର୍ଯ୍ୟୋଧନ ପାତ୍ର, ଗୋପୀକୃଷ୍ଣ ପଟ୍ଟନାୟକ, ମିଲୁ ପଟ୍ଟନାୟକ, ଦୁର୍ଗାପ୍ରସାଦ ପଟ୍ଟନାୟକ, ଅଶୋକ ମିଶ୍ର, ସତ୍ୟ ଦାସ, ଶ୍ରୀନିବାସ ପାତ୍ର, ଅପୂର୍ବ ଥଣ୍ଡର, ଚନ୍ଦ୍ରକାନ୍ତ ପଣ୍ଡା, ରାହୁଲ ଗୋଲରି, ସ୍ୱାଧୀନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅନୁଭୂତି ରଖିଲେ ୭ ପ୍ରକଳ୍ପର ସଖୀ, ସହେଲୀ



ଶିଶୁକନ୍ୟା ଦିବସରେ ଉପସ୍ଥିତ ଅଧିକାରୀମାନେ।

ମାଲକାନଗିରି,୧୧।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଆଡଭିକା କାର୍ଯ୍ୟକ୍ରମ ଦ୍ୱାରା ୧୦ରୁ ୧୯ ବର୍ଷ ବୟସର କିଶୋର ଏବଂ କିଶୋରୀଙ୍କୁ ନେଇ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେକ ଶନିବାର ଏକ ବୈଠକ ଅନୁଷ୍ଠିତ ହେଉଛି। ସେମାନଙ୍କ ମଧ୍ୟରୁ ଜଣେ ସଖୀ ଓ ସହେଲୀ ବଛାଯାଉଛି। ସେମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କରାଯାଉଛି। ସୋମବାର କାର୍ଯ୍ୟକ୍ରମରେ ୭ଟି ପ୍ରକଳ୍ପର ସଖୀ ଓ ସହେଲୀର ସଦସ୍ୟାମାନେ ଯୋଗଦେଇ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ ଅନ୍ତର୍ଜାତିକ ଶିଶୁକନ୍ୟା ଦିବସ ଅବସରରେ ଆଡଭିକା କାର୍ଯ୍ୟକ୍ରମ କିଭଳି ଉନ୍ନତ ମାନର ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଅନ୍ୟ ବିଭାଗର ଅଧିକାରୀମାନେ କିଶୋରୀ, କିଶୋରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ବାଲ୍ୟବିବାହ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୭୦ ଜଣ କିଶୋରୀ ଭାଗନେଇଥିଲେ।

## ନାଲ୍‌କୋ ଆଲୁମିନା ରିଫାଇନେରିକୁ କଳିଙ୍ଗ ପରିବେଶ ଉତ୍କୃଷ୍ଟତା ପୁରସ୍କାର

ଦାମନଯୋଡ଼ି,୧୧।୧୦(ଡି.ଏନ.ଏ.)

ଦାମନଯୋଡ଼ିସ୍ଥିତ ନାଲ୍‌କୋ ଆଲୁମିନା ରିଫାଇନେରିକୁ ଏହାର ପରିବେଶ ପ୍ରବନ୍ଧନ ଓ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ-୨୦୨୦ ପାଇଁ ହାଇଦ୍ରାବାଦର ଆଇପିଇ ସଙ୍ଗଠନ ପକ୍ଷରୁ 'କଳିଙ୍ଗ ପରିବେଶ ଉତ୍କୃଷ୍ଟତା ପୁରସ୍କାର' ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଗତ ୯ ତାରିଖରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ କେ. ମୁରଗେସନ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ନାଲ୍‌କୋ ପାଇଁ ଆଉ ଏକ ଗୌରବ ଆଣିଥିବାରୁ ଏହାକୁ ନେଇ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି।



# ଦକ୍ଷତା ବୃଦ୍ଧି ତାଲିମ କିଶୋରୀମାନଙ୍କୁ ଆଗକୁ ନେବ

ରାୟଗଡ଼ା ଅଫିସ,୧୧।୧୦

- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ
- ବାଲ୍ୟ ବିବାହକୁ ବିରୋଧ କରି ସ୍କୁଲ ଫେରିଥିବା ୧୧ କିଶୋରୀ ସମ୍ମାନିତ

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ଓ ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ବାଲ୍ୟ ବିବାହ ନିଷେଧ ଓ କିଶୋରୀ ସଶକ୍ତିକରଣ ପାଇଁ ଚାଲିଥିବା ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଝିଅମାନେ ପାଠ ପଢ଼ିଲେ ଦୁନିଆକୁ ବୁଝିବା ସହ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଚାଲିଥିବା ମଗେଣା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ ସାମିଲ କରାଇପାରିଲେ ସେମାନେ ଆଗକୁ ବଢ଼ିପାରିବେ ବୋଲି ଉପସ୍ଥିତ ସିଡିପିଓ ମାନଙ୍କୁ ସେ କହିଛନ୍ତି। କାର୍ଯ୍ୟକ୍ରମରେ ବାଲ୍ୟ ବିବାହକୁ ବିରୋଧ କରି ପୁଣି ସ୍କୁଲକୁ ଫେରିଥିବା ୧୧ କିଶୋରୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନୀତ କରାଯାଇଛି।

କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା ଉପସ୍ଥିତ ରହି ଝିଅମାନେ ନିଜେ ଦକ୍ଷ ହେବା ପାଇଁ ଆଗକୁ ଆସିଲେ ଅଞ୍ଚଳର ବିକାଶ ଘଟିବ ବୋଲି କହିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର ଯୋଗଦେଇ କହିଛନ୍ତି, ପ୍ରତ୍ୟେକ ଶିଶୁଙ୍କ ପାଇଁ ସରକାରଙ୍କ ବିଭିନ୍ନ ଆଇନ ରହିଛି। କିଶୋରୀମାନେ ନିଜକୁ ଏକା ନ ଭାବି ଆଗକୁ ଆସି ସୁଯୋଗ ନେବାକୁ ପଡ଼ିବ ବୋଲି କହିଛନ୍ତି। ସେହିପରି ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଅନେକ ସଫଳ ନାରୀଙ୍କ ଉଦାହରଣ ଦେଇ କିଶୋରୀମାନଙ୍କୁ ପାଠ ପଢ଼ିବାକୁ ଉତ୍ସାହିତ କରିଥିଲେ। ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ ଉପସ୍ଥିତ ରହି ପ୍ରତ୍ୟେକ ଝିଅଙ୍କ ପୁଷ୍ଟି ପ୍ରତି ଧ୍ୟାନ ଦେବାକୁ ହେବ ବୋଲି କହିଥିଲେ। ସେହିପରି ପ୍ରତ୍ୟେକ ଥାନାରେ ଝିଅମାନଙ୍କ ଅଭିଯୋଗ ଶୁଣିବା ପାଇଁ ମହିଳା ଓ ଶିଶୁ ଡେସ୍କ ରହିଥିବା ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି। ୧୧୨ ନମ୍ବରକୁ ଡାଏଲ କରି ନିଜର ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ସେହିପରି ଅଦ୍ୱିକା କାର୍ଯ୍ୟକ୍ରମର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଇସିଡିଏସ କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ ବର୍ଷେ ମଧ୍ୟରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଜିଲା ପ୍ରଶାସନ ତରଫରୁ ଶିଶୁ ମାନଙ୍କ ସମସ୍ୟା ଗୁଡ଼ିକୁ ଶୁଣିବା ଓ ସମାଧାନ କରିବା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରେ ପ୍ରତ୍ୟେକ ମାସର ୨୯ ତାରିଖିକୁ ସ୍ଥିର କରାଯାଇଥିବା କହିଛନ୍ତି। ଏଥିସହ ପ୍ରଚେଷ୍ଟା ଅଭିଯାନରେ କିଶୋରୀମାନଙ୍କୁ ସଶକ୍ତିକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରାଜକିଶୋର ସାହୁ, ଆକ୍ସନ୍ ଏଡ ପକ୍ଷରୁ ବାଲ୍ୟ ବିବାହ ନିଷେଧ ଜଲା ପରାମର୍ଶଦାତା ରତ୍ନେଶର ସାହୁ ଓ ସମସ୍ତ ସିଡିପିଓଉପସ୍ଥିତ ଥିଲେ। ଅଦ୍ୱିକା କାର୍ଯ୍ୟକ୍ରମକୁ ନିଜ ଅଙ୍ଗନୱାଡି କେନ୍ଦ୍ରରେ ସଫଳତାର ସହ ସମ୍ପାଦିତ କରିଥିବାରୁ ଏଠାରେ ୩ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।




କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ ସମ୍ମାନିତ କରାଯାଉଛି।

## ମିଲେଟ୍‌ସ ଖାଦ୍ୟ କେନ୍ଦ୍ର ଉଦ୍‌ଘାଟିତ



ବିଷମକଟକ,୧୧।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ମିଶନ ଶକ୍ତି ଓ ମିଲେଟ ମିଶନ ସହଯୋଗରେ ପୁଷ୍ଟିକର କ୍ଷୁଦ୍ରଶସ୍ୟ (ମିଲେଟ୍‌ସ)ରେ ତିଆରି ଖାଦ୍ୟ ବିକ୍ରିକେନ୍ଦ୍ରର ଉଦ୍‌ଘାଟିତ ହୋଇଛି। ମିଶନ ଶକ୍ତି ଦ୍ୱାରା ପରିଚାଳିତ ଆଦିବାସୀ ବିକାଶ ମହିଳା ସଂଘ ଦ୍ୱାରା ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଛକରେ ଏହି ମାଣ୍ଡିଆ ଖାଦ୍ୟ କେନ୍ଦ୍ର ଖୋଲିଛି। ମୁଖ୍ୟ ଅତିଥି ଭାବେ ବିଷମକଟକ ବିଡିଓ ଆଲବର୍ଟ ଲାକଡ଼ା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିବାବେଳେ ସମ୍ମାନୀତ ଅତିଥି ରୂପେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶୁଶିଳା ଶବର, ବ୍ଲକ ସହକାରୀ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ, ଯୋଗ ଦେଇଥିଲେ। ଏହି କେନ୍ଦ୍ରରେ ମାଣ୍ଡିଆ ସମେତ ସୁଆଁ, କାଙ୍ଗୁ ଆଦି କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ ଓ ବିକ୍ରି କରାଯାଇଛି। ମିଶନ ଶକ୍ତିର ବ୍ଲକ ସଂଯୋଜକ ଶିବନ୍ଦ ସିଂ, ଓପିଡିଏସଏ ସମ୍ପାଦକ ପ୍ରମୋଦ ଦାସ, ମିଲେଟ ମିଶନର ସଂଯୋଜକ ତିରୁପତି ରାୟଗୁରୁ, ଲକ୍ଷ୍ମୀକାନ୍ତ ଉଠାଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

